To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମୁଁ ଓ ମୋ ଭଉଣୀ ଆମ ପିତାଙ୍କ ହତ୍ୟାକାରୀଙ୍କୁ କ୍ଷମା କରିଦେଇଛୁ : ରାହୁଲ

R.N.I. No.-42041/83 Vol-15, Issue No.247, ଭଦ୍ରକ, ସୋମବାର, ୧୨, ମାର୍ଚ୍ଚ ୨୦୧୮ ■ Bhadrak, Monday, 12 March 2018 Rs. 2.00 Pages-8

କୁହୁଳୁଛି କଂଗ୍ରେସ କନ୍ଦଳ

- ସନ୍ଧ୍ୟାଙ୍କ ମନ୍ତବ୍ୟକୁ ଶରତଙ୍କ ସମାଲୋଚନା
- ମୁହଁ ଖୋଲୁନାହାନ୍ତି ପ୍ରସାଦ
- ପିସିସି ସଭାପତି ପରିବର୍ତ୍ତନ ନିଶ୍ଚିତ : ତାରା

ଭୁବନେଶ୍ୱର , ୧୧।୩ (ସକାଳ ଖବର): ରାଜ୍ୟ କଂଗ୍ରେସର ଦଳର ଅନ୍ତଃ କନ୍ଦଳ ଆଉ କାହାକୁ ଅଛପା ହୋଇ ନାହିଁ । ଯାହାକି ନିକଟରେ ହୋଇଥିବା ବିଜେପୁର ଉପ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା । ଏହା ପରେ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଇସ୍ତଫା ମଧ୍ୟ ରହସ୍ୟ ଘେରରେ ରହିବା ଭଳି ମନେ ହେଉଛି । ଇସ୍ତଫାକୁ ନେଇ ଖୋଦ ପ୍ରସାଦ ଏ ନେଇ କୌଣସି ମୁହଁ ଖୋଲୁ ନଥିବା ବେଳେ ତାଙ୍କୁ ଆବେଦନକୁ ଏଆଇସିସି ଅଗ୍ରାହ୍ୟ କରିଥିବା ଦଳର ଶୃଙ୍ଖଳା କମିଟି ଅଧକ୍ଷା ସନ୍ଧ୍ୟା ମହାପାତ୍ର କହିଛନ୍ତି । ତେବେ ସନ୍ଧ୍ୟା ମହାପାତ୍ରଙ୍କ ଏଭଳି ମନ୍ତବ୍ୟକୁ କିନ୍ତୁ କଂଗ୍ରେସ ନେତା ଶରତ ରାଉତ ସମାଲୋଚନା କରିଛନ୍ତି । ସନ୍ଧ୍ୟାଙ୍କୁ ଏମତି କହିବାର କିଏ କ୍ଷମତା ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଶରତ ରାଉତଙ୍କ କହିବା ମୁତାବକ ପିସିସି ସଭାପତି ପରିବର୍ତ୍ତନ ନେଇ କଂଗ୍ରେସର ସଭାପତି ରାହୁଲ ଗାନ୍ଧି ଚୂଡାନ୍ତ ନିଷ୍ପତି ନେବେ । ଏହାକୁ ନେଇ ଅଯଥା ବିବାଦ ସୃଷ୍ଟି କରା ନ ଯାଉଛ ସମସ୍ତେ ଶୃଙ୍ଖଳାର ପରିଧି ଭିତରେ ରୁହନ୍ତୁ । ସମୟ ଆସିଲେ ପିସିସି ସଭାପତି ପାଇଁ ଦଳର ହାଇକମାଣ୍ଡ ତାହା ନିଷ୍ପତି ନେବେ । ଏହା କହିବା ସହ ସନ୍ଧ୍ୟାଙ୍କୁ ପିସିସି ସଭାପତି ପଦରୁ ପ୍ରସାଦ ହରିଚନ୍ଦନ ନ ହଟିବା କହିବା ପାଇଁ କ୍ଷମତା କିଏ ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ଶ୍ରୀ ରାଉତଙ୍କ ପ୍ରଶ୍ନର ଜବାବ ରଖି ସନ୍ଧ୍ୟା ମହାପାତ୍ର କହିଛନ୍ତି ମୋତେ ଅଲ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି) ନିଯୁକ୍ତି ଓ ଅଧିକାର ଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି, ମୁଁ ଶୃଙ୍ଖଳା କମିଟିର ଅଧକ୍ଷା, ଶୃଙ୍ଖଳା ମୋ କାମ । ଯିଏ ବିଶୃଙ୍ଖଳା କରିବେ । ସେମାନଙ୍କ ବିରୋଧରେ ସ୍ୱର ଉଠିବ ଛ ମୁଁ କିଏ ଶରତ ରାଉତ ଭଲ ଭାବେ ଜାଣିଥିବା କଂଗ୍ରେସର ଶୃଙ୍ଖଳା କମିଟିର ଅଧକ୍ଷା ସଂଧ୍ୟା କହିଛନ୍ତି । ପ୍ରକାଶ ଯେ, ଏଆଇସିସି ଅଧକ୍ଷ ରାହୁଲ ଗାନ୍ଧି ଏ ପର୍ଯ୍ୟନ୍ତ ପିସିସି ସଭାପତି ପରିବର୍ତନ ନେଇ କୌଣସି ନିଷ୍ପତି ନେଇ ନାହାନ୍ତି । ଏଆଇସିସି ପ୍ରସାଦ ହରିଚନ୍ଦନଙ୍କ ଇସ୍ତଫାକୁ ଗ୍ରହଣ କରି ନଥିବା ଓ ୨୦୧୯ କୁ ୮ କିମ୍ବା ୯ ମାସ ବାକି ରହିଥିବା ବେଳେ ନୂଆ ପିସିସି ସଭାପତି କାମ କରିବା ସମ୍ଭବ ହେବନାହିଁ ବୋଲି କିମିଟି ଅଧକ୍ଷା କହିଥିଲେ । କିନ୍ତୁ ଶରତ ରାଉତଙ୍କ ଏଭଳି ମନ୍ତବ୍ୟ ଏବେ ରାଜ୍ୟ ରାଜନୀତିରେ ଆଉ ଏକ ଆଲୋନ ସୃଷ୍ଟି କରିଛି । **(ପୃଷ୍ଠା-୭)**

ଏସ୍‌ସିବିରେ ଉତ୍ତେଜନା

ଡାକ୍ତରଙ୍କ ଅବହେଳାରୁ ନାବାଳକ ଆଖିବୁଜିଲା !

ଅଭିଯୁକ୍ତ ଡାକ୍ତରଙ୍କ ନାମରେ ମାମଲା ରୁଜୁ

କଟକ, ୧୧।୩ (ସକାଳ ଖବର): ରବିବାର ପୂର୍ବାହ୍ନରେ କାନ୍ଦ ବୋବାଳିରେ ଫାଟି ପଡିଥିଲା ମଙ୍ଗଳାବାଗ୍ ଥାନା ପରିସର । ଗୋଟିଏ ବୋଲି ପୁଅକୁ ହରାଇଥିବା ଜଣେ ବ୍ୟକ୍ତି ଏସ୍‌ସିବି ଡାକ୍ତରଙ୍କ ନାମରେ ଅଭିଯୋଗ ନେଇ ଆସିଥିଲେ ଥାନାକୁ । ଘଟଣା ସମ୍ପର୍କରେ ପଚାରିବାରୁ ଜଣାପଡିଥିଲା ଯେ, ଡାକ୍ତରଙ୍କ ଅବହେଳା କାରଣରୁ ଉକ୍ତ ବ୍ୟକ୍ତିଙ୍କ ୧୬ ବର୍ଷର ନାବାଳକ ପୁଅର ମୃତ୍ୟୁ ଘଟିଛି । ଏ ନେଇ ଏସ୍‌ସିବିରେ ଉତ୍ତେଜନା ଦେଖାଦେଇଥିଲା । ପରେ ଏ ନେଇ ଥାନାରେ ଅଭିଯୁକ୍ତ ଡାକ୍ତରଙ୍କ ନାମରେ ମାମଲା ରୁଜୁ କରାଯାଇଛି । କିଡ଼୍‌ନୀ ପ୍ରତିରୋପଣ ପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଏବଂ ନିର୍ଦ୍ଦେଶନାମା ସତ୍ତ୍ୱେ ବିଭାଗୀୟ ଡାକ୍ତରମାନେ ଅବହେଳା କରିଥିବାରୁ ସଂପୃକ୍ତ ନାବାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ରୋଗୀ ଜଣକ ହେଉଛନ୍ତି ପୁରୀ ନରେନ୍ଦ୍ରକୋଣର ଆଦିତ୍ୟ ପରିଜା । ତାଙ୍କୁ ଗତ ଜାନୁୟାରୀ ୪ ତାରିଖରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଆଦିତ୍ୟଙ୍କର କିଡ଼୍‌ନୀ ପ୍ରତିରୋପଣର ଆବଶ୍ୟକତା ଥିବାନେଇ ପରିବାର ଲୋକଙ୍କୁ ନେଫ୍ରୋଲୋଜି ବିଭାଗର ଡାକ୍ତର ଜଣାଇଥିଲେ । **(ପୃଷ୍ଠା-୭)**

ଆଜି ବିଜେପୁର ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୩ (ସକାଳ ଖବର): ଆସନ୍ତା କାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଗସ୍ତରେ ଯିବେ । ବିଜେପୁର ଉପ ନିର୍ବାଚନରେ ବିଜେଡ଼ିର ପ୍ରାର୍ଥୀ ରୀତା ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିଥିବାରୁ ଲୋକଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଯାଉଛନ୍ତି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏବଂ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି । ତାଙ୍କର ଗସ୍ତ ସଫଳ ପାଇଁ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ଏହା ବ୍ୟତୀତ ନିର୍ମିତ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଅନ୍ତର୍ଗତ ରାଉରକେଲା-ସମ୍ବଲପୁର ଚାରି ଥାକିଆ ରାସ୍ତାକୁ ଲୋକାର୍ପଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି । ଏଥିରେ ପ୍ରାୟ ୩୦୦ କୋଟି ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି ।

ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

- ମାଟିତଳୁ ଉଦ୍ଧାର ହେଲା ମୃତଦେହ
- ମାଷ୍ଟରମାଇଣ୍ଡ ସହ ୩ ଗିରଫ

କଟକ, ୧୧।୩ (ସକାଳ ଖବର):କଟକ ଶୁଦସାଇଲୋ ଗାଁରୁ ନାବାଳିକା ନିଖୋଜ ଘଟଣାର ପର୍ଦ୍ଦାଫାସ୍ । ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରି ପୋତା ଯାଇଥିବା ଜଣାପଡିବାପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଳା ଆରମ୍ଭ ହୋଇଥିଲା । ଅପହରଣ ଓ ଗଣଦୁଷ୍କର୍ମର ପାଖାପାଖି ମାସକ ପରେ ମାଟିତଳୁ ଉଦ୍ଧାର ହେଲା ନାବାଳିକାର ମୃତଦେହ । କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଟୁଣ୍ଡା ଗାଁର ଏ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ଘଟଣାର ମାଷ୍ଟରମାଇଣ୍ଡ ସହ ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି । ମାମଲାକୁ ରେଡ୍ ଫ୍ଲାଗ କାଟାଗୋରୀରେ ନିଆଯିବ ବୋଲି କଟକ ଗ୍ରାମାଞ୍ଚଳ ଏସ୍ପି ସୂଚନା ଦେଇଛନ୍ତି । ମୁଖ୍ୟ ଅଭିଯୁକ୍ତ ରାଜେଶ ପଟ୍ଟନାୟକ ଘଟଣାସ୍ଥଳକୁ ଆସି ଖୋଲିଛି ପାପର ପେଡ଼ି । ନିଜ ଜମିରେ ଦୁଷ୍କର୍ମ ପରେ କେମିତି ଅନ୍ୟ ଦୁଇ ସାଙ୍ଗଙ୍କ ସହ ମିଶି ନାବାଳିକାକୁ ଜଘନ୍ୟ ହତ୍ୟା କରି ପୋତିଥିଲା, ଗୋଟି ଗୋଟି ବର୍ଣ୍ଣନା କରିଛି ପୋଲିସ୍ ଆଗରେ । ଗତ ଫେବୃଆରୀ ୧୦ ତାରିଖରେ ଘରୁ ହଠାତ୍ ନିଖୋଜ ହୋଇଯାଇଥିଲେ ଏ ନାବିଳାକା । ୧୧ ତାରିଖରେ ଥାନାରେ ଅଭିଯୋଗ ହେଲା ଏହାପରେ ଝିଅ **(ପୃଷ୍ଠା-୭)**

ଏନକାଉଣ୍ଟର, ୨ ଅପରାଧୀ ଆହତ

କଟକ, ୧୧।୩ (ସକାଳ ଖବର): କଟକ ସଦର ଥାନା ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ପୋଲିସ ଏନକାଉଂଟରରେ ଦୁଇ ଅପରାଧୀ ଆହତ ହୋଇଛନ୍ତି । ସେମାନେ ହେଲେ ମଙ୍ଗୁ ଓରଫ ମନୋଜ ମହାରଣା (୩୩) ଓ ଲିପୁ ଓରଫ ସୁଧାକର ପାତ୍ର (୩୧)। ଗତକାଲି ରାତି ପ୍ରାୟ ୩ ଟା ସମୟରେ ଧାକୁଲାଇ ମନ୍ଦିର ପାଖ କୁଆଖାଇ ନଦୀ ପଠାରେ ସେମାନଙ୍କ ଉପସ୍ଥତି ସମ୍ପର୍କରେ ଜାଣି ପାରି ପୋଲିସ ଉଭୟଙ୍କୁ ଅନୁସରଣ କରିଥିଲା । ଏହି ସମୟରେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ । ପୋଲିସର ପାଲଟା ଜବାବରେ ମଙ୍ଗୁର ବାମ ଗୋଡର ଜଙ୍ଘରେ ଏବଂ ଲିପୁର ବାମ ଗୋଡର ଆଣ୍ଠୁ ତଳକୁ ଗୁଳି ବାଜିଥିଲା । ଆହତ ଦ୍ୱୟଙ୍କୁ କଟକ ବଡ ମେଡିକାଲରେ ଭର୍ତି କରାଯାଇଛି । ମଙ୍ଗୁର ଘର କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମରେ ହୋଇଥିବା ବେଳେ ଲିପୁର ଘର ଗଞ୍ଜାମ ଜିଲ୍ଲା ଗେଟ୍ ବଜାର ଶ୍ରୀରାମନଗର ଅଂଚଳରେ ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ଦୁଇଟି ପିସ୍ତଲ, ୧୫ ରାଉଣ୍ଡ ଜୀବନ୍ତ ଗୁଳି, ୧୦ ଟି ମୋବାଇଲ୍ ଫୋନ୍ ଏବଂ ୬ ହଜାର ଟଙ୍କା ଜବତ କରାଯାଇଛି । ମଙ୍ଗୁ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୧ଟି ଅପରାଧିକ ମାମଲା ରହିଥିବା ବେଳେ ଲିପୁ ନାମରେ ୧୪ ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି । ପ୍ରକାଶ ଥାଉ କି, ହୋଲିଦିନ କେତେକ ଯୁବକ ପ୍ରତାପନଗରୀ ଧାକୁଲେଇ ବିଦ୍ୟାପୀଠ ନିକଟରେ ଭୋଜି କରୁଥିବା ବେଳେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଏହି ଦୁଇ ଜଣ ସେମାନଙ୍କ ସହ ଝଗଡ଼ା କରିବା ସହ ଘଟଣାସ୍ଥଳରେ ୭ ରାଉଣ୍ଡ ଗୁଳି ଚଳାଇ ଫେରାର୍ ହୋଇଯାଇଥିଲେ । ଫଳରେ ୩ ଜଣ ଆହତ ହୋଇଥିଲେ ।

ନିର୍ବାଚନ ଲଢ଼ିବେ ସବ୍ୟସାଚୀ

ଭୁବନେଶ୍ୱର, ୧୧।୩ (ସକାଳ ଖବର): ଜେଲରେ ଥିବା ମାଓ ନେତା ସବ୍ୟସାଚୀ ପଣ୍ଡା ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ । ଏ ସମ୍ପର୍କରେ ସୂଚନା ଦେଇ ତାଙ୍କର ପତ୍ନୀ ମିଲି ପଣ୍ଡା କହିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଯେତେ ସବୁ କେସ୍ ହୋଇଥିଲା ସେଥିରେ କୌଣସି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି । ତେଣୁ ନିର୍ବାଚନରେ ଲଢ଼ିବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ତେବେ ସେ କୌଣସି ରାଜନୈତିକ ଦଳର ଟିକେଟରେ ଲଢ଼ିବେ ନାହିଁ । ସ୍ୱାଧୀନ ଭାବେ ଲଢ଼ିବେ । ଯେ କୌଣସି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦିତା କରିବେ ।

ଆଜୀବନ ରାଷ୍ଟ୍ରପତି ରହିବେ ଜିନ୍‌ପିଙ୍ଗ୍



ବେଜିଂ, ୧୧।୩ : ରବିବାର ଚୀନ୍ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ସି ଜିନ୍‌ପିଙ୍ଗ୍ ଆଜୀବନ ଚୀନର ରାଷ୍ଟ୍ରପତି ହୋଇପାରନ୍ତି । ଏନେଇ ଚୀନ ସଂସଦରେ ଏକ ପ୍ରସ୍ତାବ ପାରିତ ହୋଇଛି । ଏଥିସହିତ ଚୀନ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଅବଧିକୁ ନେଇ ଥିବା କଟକଣା ପ୍ରତ୍ୟାହାର କରାଯାଇଛି । ସମ୍ବିଧାନ ସଂଶୋଧନ ପ୍ରସ୍ତାବ ସପକ୍ଷରେ ୨ହଜାର ୯୫୮ଜଣ ସଦସ୍ୟ ମତ ଦେଇଥିଲେ । ମାତ୍ର ଦୁଇ ଜଣ ସଦସ୍ୟ ଏହାକୁ ବିରୋଧ କରିଥିଲେ । ଗତ ସପ୍ତାହାରେ ଶାସକ କମ୍ୟୁନିଷ୍ଟ ଦଳ ସଂସଦରେ ଏ ସମ୍ପର୍କିତ ପ୍ରସ୍ତାବ ଆଣିଥିଲା । ପୂର୍ବରୁ ଚୀନ୍ ରାଷ୍ଟ୍ରପତି ପାଞ୍ଚ ବର୍ଷ ଲେଖାଏଁ ୨ଟି ଥର ରାଷ୍ଟ୍ରପତି ପଦରେ ରହିବାର ବ୍ୟବସ୍ଥା ଥିଲା । କିନ୍ତୁ ରବିବାର ଏହି ନିୟମରେ ପରିବର୍ତ୍ତନ କରାଯାଇଛି । ୬୪ବର୍ଷ ବୟସ୍କ ସି ଜିନ୍‌ପିଙ୍ଗ୍ ୨୦୧୨ ମସିହାରେ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନେବା ସହ କ୍ଷମତାକୁ ଆସିଥିଲେ । ଏହାପରେ ସେ ଲଗାତର ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ପଦ ସମ୍ଭାଳିଥିଲେ ।



ଗରିବଙ୍କୁ ହଇରାଣ ଓ କଷ୍ଟ ଦିଅନ୍ତୁ ନାହିଁ

ହୁଣ୍ଡିର ଆୟ (୧୧.୩.୧୮)
୨, ୫୧, ୨୧୮

ଭୁବନେଶ୍ୱର ବିମାନ ବନ୍ଦରରୁ ବୈଦେଶିକ ମୁଦ୍ରା ଓ ସୁନା ଜବତ

ଭୁବନେଶ୍ୱର, ୧୧।୩ (ସକାଳ ଖବର): ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ଏୟାର ଇଣ୍ଡିଆ ବିମାନରୁ ବୈଦେଶିକ ମୁଦ୍ରା ସୁନା ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ୨୩ ହଜାର ଟଙ୍କା ହେବ । ଏ ସମ୍ପର୍କରେ ୪ ଜଣକୁ ଅଟକ ରଖି ଜେରା ଜାରି ରହିଛି । ସମ୍ପୃକ୍ତ ବ୍ୟକ୍ତିମାନେ ଦିଲ୍ଲୀ, କଲିକତା ଓ କଟକ ବାସିନ୍ଦା ବୋଲି ସୂଚନା ମିଳିଛି । କଷ୍ଟମସ ଅଧିକାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିଥିଲେ । ତାଙ୍କଠାରୁ ସୁନା ଏବଂ ଟଙ୍କା ଜବତ କରିଥିଲେ ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୩ ମୃତ

ଭୁବନେଶ୍ୱର, ୧୧।୩ (ସକାଳ ଖବର): ବାଲିଅନ୍ତା ଥାନା ଅନ୍ତର୍ଗତ କଟକ-ନିଆଳି ରାସ୍ତାର ପଂଚବଟି ପୋଲ ନିକଟସ୍ଥ ବ୍ରାହ୍ମଣଝରିଲୋ ଗ୍ରାମଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଯୁବକଙ୍କର ମୃତ୍ୟୁ ଘଟିଛି । ସେମାନେ ହେଲେ ଚିନ୍ମୟ ବେହେରା, ମଣିନାଗେଶ୍ୱର ବେହେରା ଏବଂ ଜିସାନ ଖାଁ । ଏହି ଘଟଣା ନେଇ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ରାସ୍ତାରୋକ କରାଯାଇଥିଲା । ଏହି ମୃତକ ଯୁବକମାନ କଟକ ସହରର । ସେମାନେ ଏକ ପଲସର ଗାଡ଼ିରେ ଯାଉଥିଲା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ସେମାନେ କଟକରୁ ୱାଟର ପାର୍କ ଦେଖିବାକୁ ଯାଉଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ରାସ୍ତାରୋକ କରିଥିବା ଲୋକମାନଙ୍କୁ ସେଥିରୁ ନିବୃତ୍ତ ରହିବାକୁ ବୁଝାଇଥିଲେ ।

ବାଳ ଅପରାଧୀଙ୍କୁ ନିଯୁକ୍ତି ମିଳିଲେ ଅପରାଧ କମିବ : ଜଷ୍ଟିସ୍ ମିଶ୍ର

ଭୁବନେଶ୍ୱର, ୧୧।୩ (ସକାଳ ଖବର): ନିଯୁକ୍ତି ମିଳିଲେ ଆତ୍ମବିଶ୍ୱାସ ବଢିବ । ଅପରାଧ କରିବେନି । ଏହାଦ୍ୱାରା ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ । ବାଳ ଅପରାଧିଙ୍କ ନିଯୁକ୍ତି ଓ ଥଇଥାନକୁ ନେଇ ଏଭଳି ମତାମତ ଦେଇଛନ୍ତି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ କୁମାର ମିଶ୍ର । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ଦୀପକ ମିଶ୍ର ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ୟୁନିଟ-୧, ରାଜମହଲ ଛକଠାରେ ଓଡ଼ିଶା ହାଇକୋର୍ଟର ଆର୍ବିଟ୍ରେସନ୍ ଓ ମେଡିଏସନ୍ କେନ୍ଦ୍ରର ଲୋକାର୍ପଣ କରିବା ସହ ଭୁବନେଶ୍ୱର ଜିଲ୍ଲା କୋର୍ଟ ପରିସରରେ ଜୁଡ଼ିସିଆଲ କୋର୍ଟ କମ୍ପ୍ଲେକ୍ସ ପାଇଁ ଆୟୋଜିତ ଭୂମି ପୂଜନ କାର୍ଯ୍ୟରେ ଯୋଗଦେଇ ପ୍ରସ୍ତାବିତ କମ୍ପ୍ଲେକ୍ସର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିରପତି ଭିନିତ୍ ଶରନ୍, ଖୋର୍ଦ୍ଧା ଜିଲ୍ଲା ବିଚାରପତି ରାଧାଚରଣ ପଟ୍ଟନାୟକ ଓ ଓଡ଼ିଶା ହାଇକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ ।

ଏହି ଅବସରରେ ଭୁବନେଶ୍ୱର ବାର ଆସୋସିଏସନ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟ ବିଚାରପତି ଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ତାଙ୍କର ଅଭିଭାଷଣରେ ଉପସ୍ଥିତ ଯୁବ ଆଇନଜୀବୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ ଆମେ ଆମର ଯୁବପିଢ଼ିକୁ ହତୋତ୍ସାହିତ କରିବା ଅର୍ଥ ଭବିଷ୍ୟତକୁ ନିରୁତ୍ସାହିତ କରିବା ସହ ସମାନ । ଆମେ କେବେ ବି ପଛକୁ ହଟିନେ, ଆଗକୁ ଅଗେଇବେ । ଜଣେ ଭଲ ଲେୟେର ଓ ଆଡ଼୍‌ଭୋକେଟ୍ ମଧ୍ୟରେ ଥିବା ପ୍ରାର୍ଥକ୍ୟକୁ ବୁଝାଇବାକୁ ଯାଇ ଜଷ୍ଟିସ୍ ଚଗଲାଙ୍କ ମତ ଉଦ୍ଧାର କରି କହିଲେ ଯେ ଆଇନର ସଠିକ୍ ତର୍ଜମା ସହିତ ଯୁକ୍ତିସଙ୍ଗତ ଉପସ୍ଥାପନା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଦ୍ୱାରା ଆଇନଗତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଆମର ବିର ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଯେଉଁ ଅତୁଟ ବିଶ୍ୱାସ ରହିଛି ତାହାକୁ ବଜାୟ ରଖିବାକୁ ପଡ଼ିବ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ଶରଣ, ସୁପ୍ରିମ୍‌କୋର୍ଟର ମୁଖ୍ୟ ବିରପତି ଶ୍ରୀ ଦୀପକ ମିଶ୍ରଙ୍କୁ ଏହି ମାଟିର ସନ୍ତାନ ଭାବେ ଅଭିହିତ କରି ଆଜି ଦେଶର ସର୍ବୋଚ୍ଚ ନ୍ୟାୟାଳୟର **(ପୃଷ୍ଠା-୭)**

ÓæÜÿæ¾¿ A{¨äæ{Àÿ LÿÝœÿ {ÀÿæS{Àÿ AæLÿæ;ÿ ¾¯ÿLÿ

þèÿÁÿæ ¨'ÿæ ¯ÿ'ÿ¿æÁÿß ÓþÜÿÀÿ Ó¯ÿ,ÿ fß;ÿê Óþæ{ÀÿæÜÿ D'ÿ¾æ¨†ÿ

¨æ~ ¨B 'B {SÏ þš{Àÿ Sƒ{SæÀÿ : 6 AæÜÿ†, 2Sæxÿ µÿèÿæ Aÿ fæ

HÝÉæ{Àÿ fœÿ þæÓÀÿ B-{H¯ÿàÿ ¯ÿ¿¯ÿ×æ : A$þ¦ê Éê {¯ÿ{ÜÿÀÿæ

þšæÜÿ {µÿæfœÿ `ÿæDÁÿ{Àÿ 'ÿœÿ†ÿê Aµÿ{¾æS

4 fAæY SÀÿüÿ

Ó¯ÿµÿæÀÿ†ÿêß Üÿ'ÿæœÿ¢ÿ þàÿLÿ ÓæÀÿLÿê '¯ÿæÀÿæ†ÿ Lÿ{Lÿs D'ÿWæs†ÿ

fàÿæ A¯ÿÓÀÿ¨æ© Lÿþ`ÿæÀÿê ÓóWÀÿ ¯ÿæ Ì Lÿ Ó¼ÿÁÿœÿê

ÀÿæDÀÿ{Lÿàÿæ BØæ†ÿ LÿæÀÿÿQæœÿæÀÿ FÓ.Fþ.FÓ-2 ¯ÿµÿæS{Àÿ AæLÿ Ì~êß HæsÀÿ üÿæD{+œÿ œÿ lÀÿ' D'ÿWæs†ÿ

¯ÿfæ ¨'ÿÀÿ Sæþ{Àÿ ¨æœÿêß fÁÿ ÓóLÿs

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ LÿþæÀÿ þàÿLÿ